# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 20 July – 2026

************************************

## ମୁଖ୍ୟ ସମ୍ବାଦ

- ନିଟ୍ ପ୍ରଶ୍ନପତ୍ର ମାମଲା ଏବଂ ଅନ୍ୟ ପ୍ରସଙ୍ଗକୁ ନେଇ ସଂସଦରେ ବିରୋଧୀଙ୍କ ହଟ୍ଟଗୋଳ ଯୋଗୁଁ ଉଭୟ ଗୃହ ମୁଲତବୀ
- ଭୁବନେଶ୍ୱର ସମେତ ଦେଶର ୫ଟି ସ୍ଥାନରେ ବୃତ୍ତିଗତ ପ୍ରଶିକ୍ଷଣ ସମ୍ପର୍କିତ ଜାତୀୟ ଉତ୍କର୍ଷ କେନ୍ଦ୍ର ହେବ ପ୍ରତିଷ୍ଠା
- ପବିତ୍ର ହେରାପଞ୍ଚମୀ ତିଥିରେ ଆଜି ପୁରୀରେ ଅନୁଷ୍ଠିତ ହେଉଛି ବିଶେଷ ନୀତିକାନ୍ତି; ଆସନ୍ତାକାଲି ହେବ ରଥଗୁଡ଼ିକର ଦକ୍ଷିଣ ମୋଡ଼

ଏବଂ

- ରାଜ୍ୟରେ ସାର ସଂକଟ ଦୂର କରିବା ପାଇଁ ୟୁରିଆର ବିକଳ୍ପକୁ ପ୍ରୋତ୍ସାହନ ଦେବା ଲାଗି ସରକାରଙ୍କ ନିଷ୍ପତ୍ତି

English Pool

## ସଂସଦ ମୌସୁମୀ ଅଧିବେଶନ

ସଂସଦର ମୌସୁମୀ ଅଧିବେଶନ ଆଜିଠାରୁ ଆରମ୍ଭ ହୋଇଛି। ଅଧିବେଶନ କାଳରେ ରାଜ୍ୟସଭା ଓ ଲୋକସଭାରେ ନିଟ୍ ପ୍ରଶ୍ନପତ୍ର ପ୍ରଘଟ ଏବଂ ଅନ୍ୟ ପ୍ରସଙ୍ଗକୁ ନେଇ ବିରୋଧୀଙ୍କ ହଟ୍ଟଗୋଳ ଯୋଗୁଁ ଉଭୟ ଗୃହକୁ ଆଜି ପାଇଁ ମୁଲତବୀ ଘୋଷଣା କରାଯାଇଛି। ସଂସଦ କାର୍ଯ୍ୟ ଆରମ୍ଭ ହେବା ମାତ୍ରେ ପ୍ରଥମେ ଲୋକସଭାରେ ଦିବଂଗତ ସଦସ୍ୟଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ଏହାପରେ ବିଭିନ୍ନ ପ୍ରସଙ୍ଗକୁ ନେଇ ବିରୋଧୀଙ୍କ ହଟ୍ଟଗୋଳ ଯୋଗୁଁ ବାଚସ୍ପତି ଓମ୍ ବିର୍ଲା ଗୃହକୁ ବାରମ୍ବାର ମୁଲତବୀ ଘୋଷଣା କରିଥିଲେ। ରାଜ୍ୟସଭାରେ ମଧ୍ୟ ବିରୋଧୀଙ୍କ ହଟ୍ଟଗୋଳ ଜାରି ରହିଥିଲା। ଏଥିଲାଗି ରାଜ୍ୟସଭା ଉପାଧ୍ୟକ୍ଷ ଗୃହକୁ ବାରମ୍ବାର ମୁଲତବୀ ଘୋଷଣା କରିଥିଲେ।

Desk

## ଉତ୍କର୍ଷ କେନ୍ଦ୍ର

୨୦୨୫-୨୬ କେନ୍ଦ୍ରୀୟ ବଜେଟ୍‌ରେ ଘୋଷଣା ଅନୁଯାୟୀ ଦେଶରେ ବୃତ୍ତିଗତ ପ୍ରଶିକ୍ଷଣର ସାମଗ୍ରୀକ ଗୁଣବତ୍ତା ଏବଂ ପ୍ରାସଙ୍ଗିକତାକୁ ବୃଦ୍ଧି କରିବା ଉଦ୍ଦେଶ୍ୟରେ ଭୁବନେଶ୍ୱର, ଚେନ୍ନାଇ, ହାଇଦ୍ରାବାଦ, କାନପୁର ଏବଂ ଲୁଧିଆନାଠାରେ ଜାତୀୟ ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠା କରାଯିବ। 'ଦେଶରେ କୃତ୍ରିମ ବୁଦ୍ଧିମତା ପ୍ରଚଳନ ଏବଂ କୃତ୍ରିମ ବୁଦ୍ଧିମତାକୁ ଦେଶ ପାଇଁ ଉପଯୋଗ କରିବା' ଲକ୍ଷ୍ୟ ନେଇ କେନ୍ଦ୍ର ସରକାର ୫ଟି ଉତ୍କର୍ଷ କେନ୍ଦ୍ର ସ୍ଥାପନ ପାଇଁ ୫୦୦ କୋଟି ଟଙ୍କା ବ୍ୟୟବରାଦ କରିଛନ୍ତି। ନୂତନ

ଶିକ୍ଷାନୀତି–୨୦୨୦କୁ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ସହିତ ସମନ୍ୱିତ କରିବା ପାଇଁ କୃତ୍ରିମ ବୁଦ୍ଧିମତା ଆଧାରିତ ବ୍ୟବସ୍ଥା ଶିକ୍ଷା କ୍ଷେତ୍ରରେ ଲାଗୁ କରାଇବା ପାଇଁ ଏହା ପ୍ରସ୍ତୁତ କରାଯାଇଛି ବୋଲି ଆଜି ଲୋକସଭାରେ ବିଭାଗୀୟ ରାଷ୍ଟ୍ରମନ୍ତ୍ରୀ ଡକ୍ଟର ସୁକାନ୍ତ ମଜୁମଦାର ସୂଚନା ଦେଇଛନ୍ତି।

I&PR

## ବୃଷ୍ଟିପାତ– ଉଚ୍ଚସ୍ତରୀୟ ବୈଠକ

ରାଜ୍ୟରେ ସ୍ୱଳ୍ପ ବୃଷ୍ଟିପାତ ଯୋଗୁଁ ସୃଷ୍ଟି ହୋଇଥିବା ପରିସ୍ଥିତି ନେଇ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉପମୁଖ୍ୟମନ୍ତ୍ରୀ କହିଛନ୍ତି, ଜଳାଶୟଗୁଡ଼ିକରେ ଥିବା ପାଣିକୁ ପ୍ରଥମେ ପାନୀୟ ଜଳ ଓ ଚାଷ କାର୍ଯ୍ୟ ପାଇଁ ସଂରକ୍ଷିତ ରଖାଯିବ। ଖରିଫ ଚାଷରେ କୌଣସି ଅସୁବିଧା ନ ହେବା ପାଇଁ ଏହିଭଳି ନିଷ୍ପତ୍ତି ନିଆଯାଇଛି। ସେହିଭଳି ଚାଷୀଙ୍କ ସ୍ୱାର୍ଥ ରକ୍ଷା ପାଇଁ ବାଲିମେଳାରେ ବିଦ୍ୟୁତ ଉତ୍ପାଦନ କିଛି ଦିନ ପାଇଁ ବନ୍ଦ ରଖାଯାଇଛି। ସମସ୍ୟାର ସମାଧାନ ପାଇଁ ସରକାରଙ୍କ ପକ୍ଷରୁ ଏକ ଆପଦକାଳୀନ ଯୋଜନା ପ୍ରସ୍ତୁତ କରାଯାଇଛି। ସେହିପରି ମାଛକୁଣ୍ଡ ପ୍ରକଳ୍ପର ବୈଷୟିକ ସମସ୍ୟା ଦୂର କରିବା ପାଇଁ ସରକାର ପଦକ୍ଷେପ ନେଇଥିବା ଶ୍ରୀ ସିଂହଦେଓ କହିଛନ୍ତି।

Desk

## ସାର ସଂକଟ

ରାଜ୍ୟରେ ସାର ସଂକଟକୁ ଦୂର କରିବା ପାଇଁ ସରକାର ପଦକ୍ଷେପ ନେଉଛନ୍ତି। ଏ ସମ୍ପର୍କରେ କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ସଚିବ

ସଚିନ ରାମଚନ୍ଦ୍ର ଯାଦବ ସମସ୍ତ ଜିଲ୍ଲାପାଳଙ୍କୁ ପତ୍ର ଲେଖିଛନ୍ତି। ପତ୍ରରେ ଡି.ଏ.ପି. ଓ ୟୁରିଆର ବିକଳ୍ପକୁ ପ୍ରୋତ୍ସାହନ ଦେବା ପାଇଁ ଉଲ୍ଲେଖ ରହିଛି। ବିକଳ୍ପ ଭାବେ କମ୍ପ୍ଲେକ୍ସ ଫର୍ଟିଲାଇଜର ଓ ଆମୋନିୟମ ସଲଫେଟ୍‌କୁ ପ୍ରୋତ୍ସାହନ ଦେବାକୁ କୁହାଯାଇଛି। ଆମୋନିୟମ ସଲଫେଟ୍ ମୃତ୍ତିକାରେ ସଲଫର୍ ଅଭାବ ଦୂର କରିବାରେ ସହାୟକ ହେବ। ସେହିଭଳି ଡି.ଏ.ପି. ଯୋଗାଣ ପ୍ରଭାବିତ ହୋଇଥିବାରୁ କମ୍ପ୍ଲେକ୍ସ ଫର୍ଟିଲାଇଜର ବ୍ୟବହାର କରିବାକୁ ପତ୍ରରେ ଲେଖାଯାଇଛି।

Desk

## ସ୍ନାତକ ନାମଲେଖା

ରାଜ୍ୟରେ ଥିବା ସ୍ନାତକ ମହାବିଦ୍ୟାଳୟଗୁଡ଼ିକରେ ନାମଲେଖା ଲାଗି ଆଜି ଦ୍ୱିତୀୟ ପର୍ଯ୍ୟାୟ ମେଧା ତାଲିକା ପ୍ରକାଶ ପାଇଛି। ମୋଟ୍ ୧ ହଜାର ୫୫ଟି ସ୍ନାତକ ମହାବିଦ୍ୟାଳୟରେ କଳା, ବିଜ୍ଞାନ, ବାଣିଜ୍ୟ, ସେଲ୍ଫ ଫାଇନାନସିଂ ଏବଂ ସଂସ୍କୃତ ପାଠ୍ୟକ୍ରମରେ ୨ ଲକ୍ଷ ୮୭ ହଜାର ୫୧୯ଟି ଆସନ ରହିଛି । ପ୍ରଥମ ପର୍ଯ୍ୟାୟରେ ୮୪ ହଜାର ୩୮୪ଟି ଆସନରେ ନାମଲେଖା ଶେଷ ହୋଇଛି। ମେଧା ତାଲିକା ପ୍ରକାଶ ପରେ ଆସନ୍ତାକାଲିଠାରୁ ଗୁରୁବାର ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନେ ନାମ ଲେଖାଇ ପାରିବେ। ଆସନ୍ତା ୨୯ ତାରିଖରେ ତୃତୀୟ ତଥା ଚୂଡ଼ାନ୍ତ ମେଧାତାଲିକା ପ୍ରକାଶ ପାଇବ।

Desk

## ପିଜିଟି ଶିକ୍ଷକ

ଭୁବନେଶ୍ୱରଠାରେ ଉଚ୍ଚମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ଅଧୀନସ୍ଥ ସରକାରୀ ଉଚ୍ଚ ମାଧ୍ୟମିକ ଓ ଉନ୍ନୀତ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ନିଯୁକ୍ତି ପାଇଥିବା ପିଜିଟି ଶିକ୍ଷକ– ଶିକ୍ଷୟିତ୍ରୀମାନଙ୍କ ନିମନ୍ତେ ଦିଗଦର୍ଶନ କର୍ମଶାଳାର ଆୟୋଜନ କରାଯାଇଛି। ଏହି କର୍ମଶାଳା ଦୁଇଟି ପର୍ଯ୍ୟାୟରେ ଆୟୋଜନ କରାଯାଉଛି। ଆଜିଠାରୁ ଆରମ୍ଭ ହୋଇଥିବା ପ୍ରଥମ ପର୍ଯ୍ୟାୟ ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ଚାଲିବ। ଦ୍ୱିତୀୟ ପର୍ଯ୍ୟାୟ କର୍ମଶାଳା ଚଳିତ ମାସ ୨୭ ତାରିଖରୁ ଆରମ୍ଭ ହୋଇ ୩୧ ତାରିଖ ଯାଏଁ ଚାଲିବ। କର୍ମଶାଳାରେ ଜାତୀୟ ଶିକ୍ଷାନୀତି–୨୦୨୦ର ବିଭିନ୍ନ ଦିଗ, ଲିଙ୍ଗଗତ ସମାନତା ଶିକ୍ଷା, ଆଇ.ସି.ଟି’ର ବ୍ୟବହାର, ସାମ୍ସ ଓ ଶିକ୍ଷାଜ୍ୟୋତି ପୋର୍ଟାଲର ଉପଯୋଗ ଆଦି ବିଷୟରେ ବିସ୍ତୃତ ଆଲୋଚନା କରାଯିବ। ପ୍ରଥମ ପର୍ଯ୍ୟାୟ କର୍ମଶାଳାରେ ୧୨୦ ଜଣ ପିଜିଟି ଶିକ୍ଷକ–ଶିକ୍ଷୟିତ୍ରୀ ଯୋଗ ଦେଇଛନ୍ତି।

Puri

## ହେରା ପଂଚମୀ

ପବିତ୍ର ହେରାପଞ୍ଚମୀ ତିଥିରେ ପୁରୀରେ ଆଜି ଶ୍ରୀଜୀଉମାନଙ୍କର ଆଡ଼ପମଣ୍ଡପରେ ବିଶେଷ ନୀତିକାନ୍ତି ହେଉଛି। ମା’ ଲକ୍ଷ୍ମୀ ଠାକୁରାଣୀଙ୍କୁ ଛାଡ଼ି ମହାପ୍ରଭୁ ଶ୍ରୀଜଗନ୍ନାଥ ଶ୍ରୀଗୁଣ୍ଡିଚା ଦିନ ବଡ଼ଭାଇ ବଳଭଦ୍ର ଓ ସାନଭଉଣୀଙ୍କୁ ସାଙ୍ଗରେ ନେଇ ରଥରେ ଯାତ୍ରା କରିବା ପରେ ଶ୍ରୀମନ୍ଦିରରେ ମହାଲକ୍ଷ୍ମୀ ନିଜକୁ ଅପମାନିତ ଓ ଅବହେଳିତ ମନେ କରିଛନ୍ତି। ଶ୍ରୀମନ୍ଦିରରୁ ଷଷ୍ଠ ଦିନ ମଧ୍ୟାହ୍ନ ଧୂପ ପୂର୍ବରୁ ମହାଲକ୍ଷ୍ମୀଙ୍କ ଗମନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥାଏ। ପନ୍ତୀ ଭୋଗ ପରେ ଠାକୁରାଣୀ

ପାଲିଙ୍କିରେ ବିଜେ ହୋଇ ଗୁଣ୍ଡିଚା ମନ୍ଦିରକୁ ଯାତ୍ରା କରିଥାନ୍ତି। ମା’ ଲକ୍ଷ୍ମୀଙ୍କ ଆଦେଶରେ ସେଠାରେ ସେବକମାନେ ରଥର କାଠ ଭାଙ୍ଗି ଦିଅନ୍ତି। ଅଭିମାନିନୀ ମା’ ମହାଲକ୍ଷ୍ମୀ ନନ୍ଦିଘୋଷ ରଥର କାଠ ଭାଙ୍ଗିବା ସହ ମହାପ୍ରଭୁଙ୍କ ଦର୍ଶନ ନ ପାଇ ଆଜି ଅଧର ଚୂମ୍ବିତ ଆଜ୍ଞାମାଳ ପାଇ ରାଗରେ ହେରାଗୌରୀ ସାହିବାଟେ ମନ୍ଦିର ପ୍ରତ୍ୟାବର୍ତ୍ତନ କରିବାର ପରମ୍ପରା ରହିଛି । ମହାଲକ୍ଷ୍ମୀଙ୍କ କ୍ରୋଧ ଓ ହେରାପଞ୍ଚମୀରେ ଶ୍ରୀଗୁଣ୍ଡିଚା ମନ୍ଦିର ଯାତ୍ରା ଫଳସ୍ୱରୂପ ପ୍ରଭୁ ଶ୍ରୀଜଗନ୍ନାଥ ପ୍ରତିଶ୍ରୁତି ରକ୍ଷା କରି ଶ୍ରୀମନ୍ଦିର ଫେରିବା ପାଇଁ ରାଜି ହେବା ସହ ରଥଗୁଡ଼ିକର ଦକ୍ଷିଣ ମୋଡ଼ ପାଇଁ ସେବକମାନଙ୍କୁ ଆଦେଶ ଦେଇଥାନ୍ତି। ଆଜିର ବିଶେଷ ନୀତି ଶେଷ ହେବା ପରେ ଆସନ୍ତାକାଲି ସକାଳ ଧୂପ ସରିବା ପରେ ତିନିରଥର ଦକ୍ଷିଣ ମୋଡ଼ ନେଇ ଆଜ୍ଞାମାଳ ବିଜେ କରାଯିବ । ଦକ୍ଷିଣ ମୋଡ଼ ହେବା ପୂର୍ବରୁ  ଆଜି ରଥଗୁଡ଼ିକର ଯାଞ୍ଚ କରାଯାଇଛି।

Bhadrak

## ହେରାପଞ୍ଚମୀ ଉତ୍ସବ

ଭଦ୍ରକ ପୌରାଞ୍ଚଳର ସନ୍ଥିଆ ଗ୍ରାମର ଶ୍ରୀଶ୍ରୀ ରାଧା ମଦନ ମନ୍ଦିରରେ ହେରାପଞ୍ଚମୀ ଉତ୍ସବ ଏବଂ ଶ୍ରୀଚୈତନ୍ୟ ମହାପ୍ରଭୁଙ୍କ ୫୪୦ ବର୍ଷ କନ୍ଥା ବସ୍ତ୍ର ପ୍ରଦର୍ଶନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି।  ଶ୍ରୀ ଚୈତନ୍ୟ ମହାପ୍ରଭୁଙ୍କ ଭଦ୍ରକ ଆଗମନ ସମ୍ପର୍କରେ ଅତିଥିମାନେ ଆଲୋଚନା କରିଥିଲେ।

HS

## କେଜିବିଭି ପ୍ରଶିକ୍ଷଣ

କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ– କେ.ଜି.ବି.ଭି. ୱାର୍ଡେନଙ୍କ ନିମନ୍ତେ ଭୁବନେଶ୍ୱର ଆଞ୍ଚଳିକ ଶିକ୍ଷା ଅନୁଷ୍ଠାନରେ ପଞ୍ଚ ଦିବସୀୟ ପ୍ରଶିକ୍ଷଣର ଶୁଭାରମ୍ଭ ହୋଇଛି। ଜାତୀୟ ଶିକ୍ଷା ଯୋଜନା ଏବଂ ପ୍ରଶାସନ ପ୍ରତିଷ୍ଠାନ ନୂଆଦିଲ୍ଲୀ ଏବଂ ଓଡ଼ିଶା ସ୍କୁଲ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ– ଓସେପା'ର ମିଳିତ ସହଯୋଗରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। କାର୍ଯ୍ୟକ୍ରମରେ ଓସେପାର ଅତିରିକ୍ତ ନିର୍ଦ୍ଦେଶକ  ସଂଗୀତା ବେହେରା ୱାର୍ଡେନମାନଙ୍କୁ ଦକ୍ଷ ଓ ସମ୍ବେଦନଶୀଳ ହେବାକୁ ପରାମର୍ଶ ଦେଇଥିଲେ। ଓସେପାର ଯୁଗ୍ମ ନିର୍ଦ୍ଦେଶକ ସନ୍ତୋଷ କୁମାର ରାଉତ ଛାତ୍ରୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା, ପୋଷଣ ସୁରକ୍ଷା ଓ ସୁସ୍ଥ ଜୀବନଶୈଳୀ ସମ୍ପର୍କରେ ସଚେତନତା ସୃଷ୍ଟି କରିବାକୁ ୱାର୍ଡେନମାନଙ୍କୁ ପରାମର୍ଶ ଦେଇଥିଲେ। କର୍ମଶାଳାରେ ରାଜ୍ୟର ୫ଟି ଜିଲ୍ଲାରୁ ୭୦ରୁ ଅଧିକ ୱାର୍ଡେନ ଯୋଗ ଦେଇଥିଲେ।

Nabarangpur

## ଗଣ୍ଡୱାନା ଭବନ ଉଦ୍‌ଘାଟନ

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଆଜି ନବରଙ୍ଗପୁର ଜିଲ୍ଲାର ରାଇଘର ବ୍ଲକ ଗସ୍ତ କରି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି। ଭରଣ୍ଡିଠାରେ ନବନିର୍ମିତ ଗଣ୍ଡୱାନା ଭବନକୁ ମନ୍ତ୍ରୀ ଶ୍ରୀ ଗଣ୍ଡ ଉଦ୍‌ଘାଟନ କରିବା ସହ ସ୍ଥାନୀୟ ଶିବ ମନ୍ଦିରରେ ଭୋଗମଣ୍ଡପ ଓ ସୀତାଳା ମାତା ମନ୍ଦିରର ମରାମତି କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ।

Subarnpur

# ଅନ୍ତର୍ଭୁକ୍ତୀକରଣ ଶିବିର

ସୁବର୍ଣ୍ଣପୁର ଜିଲ୍ଲା ବିନିକା ବ୍ଲକ ଅନ୍ତର୍ଗତ ସିଂଘିଯୁବା ପଞ୍ଚାୟତ କାର୍ଯ୍ୟାଳୟରେ ଆର୍ଥିକ ସ୍ୱାକ୍ଷରତା ଓ ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀ ମଙ୍ଗଳ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ସ୍ୱୟଂସହାୟକ ଗୋଷ୍ଠୀ ସଦସ୍ୟା, ବ୍ୟାଙ୍କମିତ୍ର ଏବଂ ପଞ୍ଚାୟତର ଜନସାଧାରଣ ଯୋଗ ଦେଇଥିଲେ ।

MET

# ପାଣିପାଗ

ଓଡ଼ିଶାର ଉତ୍ତରଭାଗ ଏବଂ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଚଳିତ ସପ୍ତାହରେ ପୁଣି ଥରେ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି । ଏହାର ପ୍ରଭାବରେ ଉପକୂଳ ଓ ଆଭ୍ୟନ୍ତରୀଣ ଜିଲ୍ଲାଗୁଡିକରେ ମଧ୍ୟମରୁ ପ୍ରବଳ ବର୍ଷା ହୋଇପାରେ । ପାଣିପାଗ କେନ୍ଦ୍ର ପକ୍ଷରୁ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ପ୍ରବଳ ବର୍ଷା ହେବା ନେଇ ୨୦ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି । ଏ ସମ୍ପର୍କରେ ପାଣିପାଗ କେନ୍ଦ୍ରର ନିର୍ଦ୍ଦେଶକ ଡକ୍ଟର ମନୋରମା ମହାନ୍ତି କହିଛନ୍ତି...

**- V/O -**

Kendrapada

# ଯୋଗାସନ ଶିବିର

କଟକ କଳିଙ୍ଗ ଜିମ୍ନାସିୟମଠାରେ ରାଜ୍ୟସ୍ତରୀୟ ୩୨ତମ ଦୁଇଦିନିଆ ଯୋଗାସନ ଶିବିର ଉଦ୍‌ଯାପିତ ହୋଇଯାଇଛି । ପ୍ରତିଯୋଗିତାରେ କେନ୍ଦ୍ରାପଡ଼ା ଜିଲ୍ଲାର ପ୍ରତିଯୋଗୀମାନେ ସଫଳତା ହାସଲ କରିଛନ୍ତି ।

M.giri//K.Pada/N.rangpur/Boudh/Nuapada/Nayagada/Debagada/ Bhadrak

# ଜନଅଭିଯୋଗ ଶୁଣାଣି ଶିବିର

ରାଜ୍ୟର ବିଭିନ୍ନ ସ୍ଥାନରେ ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି ।

**ଦେବଗଡ଼** ଜିଲ୍ଲା ତିଲେଇବଣି ବ୍ଲକ ପାରପୋଷି ଗ୍ରାମପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଜିଲ୍ଲାପାଳଙ୍କ ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିରରେ ୬୩ଟି ଅଭିଯୋଗର ଶୁଣାଣି କରାଯାଇଥିଲା ।

**ନୂଆପଡ଼ା** ଜିଲ୍ଲା ଖଡ଼ିଆଳ ବ୍ଲକ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ଶିବିରରେ ୧୧୮ଟି ଅଭିଯୋଗର ଶୁଣାଣି କରାଯାଇଥିଲା ।

**ଭଦ୍ରକ** ଜିଲ୍ଲା ଧାମନଗର ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଜିଲ୍ଲାପାଳ ଡକ୍ଟର ଦିଲ୍ଲୀପ ରାଉତରାୟଙ୍କ ଅଧ୍ୟକ୍ଷତାରେ ୧୧୦ଟି ଅଭିଯୋଗର ଶୁଣାଣି କରାଯାଇଥିଲା ।

**ନୟାଗଡ଼** ଜିଲ୍ଲା ଦଶପଲ୍ଲା ବ୍ଲକରେ ଅନୁଷ୍ଠିତ ଶିବିରରେ ୯୦ଟି ଅଭିଯୋଗର ଶୁଣାଣି କରାଯାଇ ୨୮ଟି ମାମଲାର ତୁରନ୍ତ ସମାଧାନ କରାଯାଇଥିଲା ।

**ବୌଦ୍ଧ** ଜିଲ୍ଲା କଣ୍ଟାମାଲ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଆଜି ୮୧ଟି ଅଭିଯୋଗର ଶୁଣାଣି କରାଯାଇ ୩୫ଟିର ତୁରନ୍ତ ସମାଧାନ କରାଯାଇଥିଲା ।

**ନବରଙ୍ଗପୁର,** କେନ୍ଦ୍ରାପଡ଼ା ଓ ମାଲକାନଗିରିରେ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି ।

Desk

# ଇଣ୍ଟରନ୍ୟାସନାଲ ଚେସ୍ ଡେ

କ୍ରୀଡ଼ା, ମାନସିକ ଶକ୍ତି ଓ କଳାର ଉପାଦାନ ମିଶ୍ରିତ ପ୍ରାଚୀନ ସାଂସ୍କୃତିକ ଚେସ୍ ଖେଳକୁ ଅଧିକ ଲୋକପ୍ରିୟ କରିବା ପାଇଁ ଆଜି ଆନ୍ତର୍ଜାତିକ ଚେସ୍ ଦିବସ ପାଳନ କରାଯାଉଛି । ବିଶ୍ୱ ଚେସ୍ ସମୁଦାୟ ତରଫରୁ ୧୯୨୪ ମସିହାରେ ପ୍ରତିଷ୍ଠା କରାଯାଇଥିବା ଫାଇଡ୍‌ର ସ୍ମରଣ ଉଦ୍ଦେଶ୍ୟରେ ଏହି ଦିବସକୁ ପାଳନ କରାଯାଇଥାଏ । ୨୦୧୯ ମସିହାରେ ଜାତିସଂଘ ମହାସଭା ଦ୍ୱାରା ଏହି ଦିବସ ପାଳନକୁ ସ୍ୱୀକୃତି ମିଳିଥିଲା । ପୃଥିବୀରେ ପ୍ରାୟ ୧୯୦ଟି ଦେଶରେ ସାଢ଼େ ୭ କୋଟି ସ୍ୱୀକୃତିପ୍ରାପ୍ତ ଚେସ୍ ଖେଳାଳି ଅଛନ୍ତି । ଚଳିତବର୍ଷର ଆନ୍ତର୍ଜାତିକ ଚେସ୍ ଦିବସ ୨୦୨୬ର ବାର୍ତ୍ତା ରହିଛି "ଉତ୍ସବ ପାଳନ କରନ୍ତୁ, ସୃଷ୍ଟି କରନ୍ତୁ ଏବଂ ପରିବର୍ତ୍ତନ ଆଣନ୍ତୁ" । ପ୍ରାୟ ୧୫୦୦ ବର୍ଷର ଏହି ଖେଳ ଭାରତରେ ଚତୁରଙ୍ଗ ନାମରେ ଆରମ୍ଭ ହୋଇଥିଲା ବୋଲି ବିଶ୍ୱାସ କରାଯାଏ । ବିଶ୍ୱନାଥନ ଆନନ୍ଦନଙ୍କ ଠାରୁ ଆରମ୍ଭ କରି ନୂତନ ପୀଢ଼ିର

ବର୍ତ୍ତମାନର ଖେଳାଳିଙ୍କ ପର୍ଯ୍ୟନ୍ତ ଚେସ୍ ବିଶ୍ୱସ୍ତରରେ ଏକ ସ୍ୱତନ୍ତ୍ର ମର୍ଯ୍ୟାଦା ଏବଂ ଗୌରବ ଆଣିବାରେ ସହାୟକ ହୋଇପାରିଛି ।